# ମଣି ତିରୁମାଲା ପ୍ରକଳ୍ପ ଗ୍ରାହକଙ୍କ ସ୍ୱପ୍ନକୁ ସାକାର କରିବ




ଭୁବନେଶ୍ୱର(ନି.ପ୍ର) : ମଣି ତିରୁମାଲା ପ୍ରକଳ୍ପ ଗ୍ରାହକଙ୍କ ସ୍ୱପ୍ନକୁ ସାକାର କରିପାରିବବୋଲି ମଣିଗ୍ରୁପ୍ ର ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୟ ଝୁନ୍‌ଝୁନ୍‌ୱାଲା କହିଛନ୍ତି। ୧୨ଏକର ଅଞ୍ଚଳରେ ନିର୍ମିତ ହେବାକୁଥିବା ଏହି ପ୍ରକଳ୍ପରେ ୧୪ମହଲା ବିଶିଷ୍ଟ ୧୧ଟି ଟାୱାର ରହିବ। ଅତ୍ୟାଧୁନିକ ନିର୍ମାଣଶୈଳୀ ସହିତ ପ୍ରକଳ୍ପରେ ୭୫% ସବୁଜ ଅଞ୍ଚଳ, ୮୦%ଖୋଲା ସ୍ଥାନ, ଜଳ ବିଶୋଧନ ପ୍ଲାଣ୍ଟ, ପାର୍କିଙ୍ଗ୍ ସ୍ଥାନ, ସୁରକ୍ଷା ବ୍ୟବସ୍ଥା, ସର୍ଭେଣ୍ଟ ରୁମ୍, ଖେଳ ପଡିଆ, ନୂତନ ବାଥିଙ୍ଗ୍ ସିଷ୍ଟମ୍, ସୁଇମିଙ୍ଗ ପୁଲ୍, ବ୍ୟାୟାମ ଗୃହ, ୱେଟିଙ୍ଗ୍ ରୁମ୍, ସପିଙ୍ଗ୍ କମ୍ପ୍ଲେକ୍ସ ତଥା ଭୂମିକମ୍ପ ଓ ଅଗ୍ନି ନିରୋଧ ବ୍ୟବସ୍ଥାକୁ ପ୍ରାଧାନ୍ୟ ଦିଆଯିବ। ପ୍ରକଳ୍ପରେ ମୋଟ ୫୮୮ଟି ଫ୍ଲାଟ୍ ରହିବ ଏବଂ ଏହାର ନିର୍ମାଣ କାର୍ଯ୍ୟ ଆଗାମୀ ୩୦ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବ। ପ୍ରକଳ୍ପରେ ମୋଟ ୪୪୦କୋଟି ଟଙ୍କାର ପୁଞ୍ଜି ନିବେଶ ହେବ। ଏଥିରେ ଦୁଇ ତଥା ତିନି ବେଡରୁମ୍ ବିଶିଷ୍ଟ ଫ୍ଲାଟ୍ ମାନ ଉପଲବ୍ଧ ହେବ ଏବଂ ଫ୍ଲାଟ୍ ଗୁଡିକର ଦାମ୍ ୪୦ଲକ୍ଷରୁ ୭୦ଲକ୍ଷ ଟଙ୍କା ମଧ୍ୟରେ ରହିବ। ସମ୍ପ୍ରତି କମ୍ପାନୀ କୋଲ୍‌କତା, ଦୁର୍ଗାପୁର, ଜୟପୁର ଓ ସିଲିଗୁଡି ଠାରେ ବିଭିନ୍ନ ପ୍ରକଳ୍ପରେ କାର୍ଯ୍ୟ କରୁଛି।